ସାହାଡା ବୃକ୍ଷ ମାହାତ୍ମ୍ୟ
ଗୋଲକ ବୃକ୍ଷ କରତାର ରଥେ ଚକ
ମହାକଳପ ବୃକ୍ଷ ସେ ହରଇ ମହାପାତକ । ୧ ।
ପୂର୍ବେ ସ୍ରିଜିତ ତାହା କଲେକ ପ୍ରଜାପତି
ଦୋଷୀ କନ୍ୟା ହୋଇଲେ ତାକୁ ବିଭା କରିବ ଯୁଗତି । ୨ ।
ଗାନ୍ଧାରସେନ ବୋଇଲା ସେ ବୃକ୍ଷ ଅଛି ମୋହୋର ନବର ମଝାଥାନେ
ମୁଂ ତାହାକୁ ମୁନି ହୋ ପୂଜା କରଇ ନିତି ଦିନେ । ୩ ।
--------

୧ ବିଭା କରାଇବା ଗୋଲକ ବୃକ୍ଷକୁ ।
ମହାକଳ୍ପ ବୃକ୍ଷ ସେ ହରଇ ପାତକକୁ । । (ପା)
ସାହାଡା ବୃକ୍ଷ ଗୋଟିୟେ ବିଭାକରି ଆଣି ।
ମହାକଳପ ବୃକ୍ଷ ସେ ହରଇ ପାପ ଶ୍ରେଣୀ । । (ପା)
୨ ।୨ ଦୂଷିତ କନ୍ୟା ବିଭା ହୋଇଲେ ହୁଅଇ ସେ ଗତି । (ପା)

ବ୍ୟାସେ ପ୍ରତିବାଚ ତୁ ଭାଗ୍ୟବନ୍ତ ରାଜା
କିସ ଫଳ ଅଛି ତୁ ସାହାଡା ବୃକ୍ଷ କରୁ ପୂଜା । ୪ ।
ଗାନ୍ଧାର ସେନ ପ୍ରତିବାଚ ସେ କରତାର ରଥଚକ
ଦ୍ରଶନେ ହରଇ ସେ ଅଶେଷ କୋଟି ପାତକ । ୫ । ସଂଖ୍ୟା
ବ୍ୟାସେ ବୋଇଲେ ରାଜା ନୋହଇଟି ୟେମନ୍ତ
ଆମୃର ତହୁଂ ଶୁଣ ହୋ ଶାହାସ୍ର ସଂଗତ । ୬ ।
ବୃଷଭ ମାସ କୃଷ୍ଣପକ୍ଷ ତିଥି ଯେ ଦଶମୀ
ଗୁରୁବାର ଶତଭିଷା ନକ୍ଷତ୍ରେ ବିଜୟେ ବିଶ୍ୱନାଥ ସ୍ୱାମୀ । ୭ । horoscope
ନନ୍ଦିକେଶ୍ୱର ଦେବ ବୃଷଭ ପଲାଣି
ପିଠିରେ ବିଜେ କଲେ ଦେବ ପିନାକୀ ଶୂଳପାଣି । ୮ ।
ହୃଦରେ ଆଭରଣ ଉଡଙ୍ଗ ସପତ ଫେରୁ
ଅନ୍ତରୀକ୍ଷେ ବାଜଇ ନବଲକ୍ଷେ ଡମ୍ବରୁ । ୯ । ସଂଖ୍ୟା number
କଉତୁକେ ବିହତନ୍ତି ସ୍ୱାମୀ ଦେବରାଜେ
ବଇଲ ଆରୋହିଣ ଦେବ ମଧ୍ୟପୁରେ ଦିଗବିଜେ । ୧୦ ।
ଅନେକ ତୀର୍ଥେ ପସି ଆସନ୍ତି ସୁଢଳେ
ଚଳନ୍ତି ମହେଶ୍ୱର ବଇତରଣୀ ନଦୀ କୂଳେ । ୧୧ । Jajpur Baitarani
ସାହାଡା ବୃକ୍ଷ ଗୋଟିୟେ ଅଛି ବାମ କତି ଲାଗି
ପତ୍ର ଗୋଟିୟେକ ବଇଲ ମଥାରେ ଘେନିଲାକ ବେଗି । ୧୨ ।
ଈଶ୍ୱର ପୁଚ୍ଛା କଲେ ଶୁଣ ହୋ ମହାବୃଷଭ
ୟେ ପତ୍ର ଗୋଟି ମଥାରେ ଘେନିଲୁ କି ସୁଲଭ ହୋଇବ । ୧୩ ।
ବୃଷଭ ବୋଇଲା ଦେବ ବାମେ ଯେବେ ସାହାଡା ବୃକ୍ଷ ଥାଇ Sahada tree mystery
ପତ୍ର ଗୋଟିୟେ ଶିରେ ଘେନିଲେ ଅମୃତ ଯୋଗାଡ ପାଇ । ୧୪ ।
ଡାହାଣ ଭାଗେ ଯେବେ ବୟର ବୃକ୍ଷ ଥାଇ
ତହିଂରୁ ପତ୍ର ଗୋଟିୟେ ଘେନିଲେ ଶତ୍ରୁ କ୍ଷୟେ ଯାଇ । ୧୫ ।
-------------

୧୯ ।୨ "ୟେସନକ·········· ବୋଇଲେ" ପାଦାନ୍ତ ପରେ ପୋଥି ବିଶେଷରେ ଅଧିକା ପାଠ-

ମାଖୋଟକ ନମ ସ୍ତୁଭ୍ୟମ୍ ସର୍ବପାପ ପ୍ରଣାଶନଃ ।
ପ୍ରଚୁରଂ ଭୋଜନଂ ଦେହି ଦେବ ବୃଷ ନମୋସ୍ତୁତେ ।।

୧୫ ।୧ ବୟର-ବଦର-ବରକୋଳି ।

ଆଗରେ ଶ୍ୱେତ ଦୁବ ଦେଖିଲେ ମଥାରେ ଘେନିମ ତୋଳି      Jajpuri
ଅନେକ ଦୋଷ କ୍ଷୟ ଯାୟେ ଶୁଣିମା କପାଳୀ । ୧୬ ।
ତୁଳସୀ ବୃକ୍ଷ ଯେବେ ଦେଖିବ ପଛକତି ଲେଉଟି
ମଥାୟେଣ ଘେନିମ ହାଦେ ଝଡିଲା ପତ୍ର ଗୋଟି । ୧୭ ।
ଗ୍ୟାନେ ଅଗ୍ୟାନେଣ ଯେତେକ ପାପ ଅଛି
ତକ୍ଷଣେ ସକଳ ପାତକ ଯାଇ ଲେଛି । ୧୮ ।
ସୁପଙ୍କୁ ଅନ୍ନ ପ୍ରାପତ ସାହାଡା ପତ୍ର ଘେନିଲେ
ୟେସନେକ ଚରିତ ବୃଷଭ ବୋଇଲେ । ୧୯ ।
ଭୋଜନ ପାପତ ହୋଅଇ ସାହାଡା ପତ୍ରେକ ଘେନିଲେ
ଆଜି ପରୀଖି ଜାଣିମା ସଦାନନ୍ଦେ ବୋଇଲେ । ୨୦ ।
ଚତୁର୍ଦ୍ଦଶ ଭୁବନ ବୁଲିଲେ ମହାଦେବ
ପାଣି ଘାସ ଆହାର କତିକି ସେ ନ ନିଅନ୍ତି ବୃଷଭ । ୨୧ ।   Jajpuri
ମନ ସରି ବୃଷଭକୁ ସେ ବୁଲାନ୍ତି ଉପବାସେ
ଗିରି ଅରଣ୍ୟେ ବୁଲନ୍ତି କ୍ଷେପନ୍ତି ଆକାଶେ । ୨୨ ।
ବାହୁଡନ୍ତି କପିଳାସେ ବିଜେ କଲେ ଆଦିତ୍ୟର ଅସ୍ତେ
କପିଳାସ ନିକଟେ ବିଜୟେ ପଞ୍ଚୁବକ୍ତ୍ର ତ୍ରିନେତ୍ରେ । ୨୩ ।      Kapilas
ଅମୃତ ଯୋଗାଡ ଯେ ରନ୍ଧନ କରନ୍ତି ଉମା
ସ୍ୱାମୀକି ବାଟ ଚାହିଂଣ ବିମୁଖ ଦେବୀ ବାମା । ୨୪ ।
ତେର ଘଡି ଯହୁଂ ଗଡି ଗଲା କରତାର
ଆପଣେ ଠାକୁରାଣୀ ବିଜେ କଲେ ମୁଣୋହିର । ୨୫ ।
ସୁବର୍ଣ୍ଣ ପଇଲମେ ସକଳ ଯୋଗଡନ୍ତ ଭରି
ପିଠା ଖିରିସା ଗୋଟିକା ଛେନା ଡାଗଡା ଆଦି କରି । ୨୬ ।
ସୁବର୍ଣ୍ଣ କୋପରାରେ ସମସ୍ତ ପୁରୋଇଂ
ଦେବେ ପିତ୍ରେ ଅନ୍ନ ପାଣି ଦେଇ ତୁଣ୍ଡେ ପଞ୍ଚଗୁଣ୍ଡି ଲାଇ । ୨୭ ।
ପାଣି ଆଧାର କରି ତିନିଗୁଣ୍ଡି ଭୁଞ୍ଜି
ୟେସନକ ସମୟେ ଡମ୍ବୁରୁ ଡିବି, ଡିବି ବାଜି । ୨୮ ।

----------

୧୮ ।୨ ଲେଛି-ଛାଡି ।
୨୭ ।୧ କୋପରାରେ-ସଂସ୍କୃତ କର୍ପର, ଚଟକା ପାତ୍ର ବିଶେଷ । ବେଣ୍ଟ ଲାଗିଥିବା ଗହିରା ଥାଳି, କରେଇ ପରି ।
କାଞ୍ଚୋଲାରେ-ପାତ୍ର ବିଶେଷରେ, ବେଲା ।

ଶୁଣିଣ ଗୋସାମଣୀ ଯେ ବିଷାଦ ହୋଇଲେ
କେମନ୍ତ କରିବି ମୁହିଂ ଈଶ୍ୱରେ ବିଜେ କଲେ । ୨୯ ।
ସଂକୋଚେଣ ମୁଣୋହି ଛାଡି ଉଠିଲେ ବେଗ ହୋଇ
ବୃଷଭ ଗୁଆଣିରେ ଲୁଚାଇଲେ ନେଇ । ୩୦ ।
ପିଠା ଖିରି ଶାକର ପୁରୋଇଲେ କାଞ୍ଚୋଲାରେ

ଆଞ୍ଚୋବନ ସାରି ଦେବୀ ହୋଇଲେ ବାହାରେ । ୩୧ ।
ରତନ ଝରୀରେ ଦେବୀ ପାଣି ଯେ ପୂରୋଇ
ଛାମୁରେ ପ୍ରବେଶ ଯେ ହୋଇଲେ ମହାମାଈ । ୩୨ ।
ନନ୍ଦିକେଶ୍ୱରଙ୍କୁ ରାଇ ଆଗ୍ୟାଂ ଦିଲେ ସଦାନନ୍ଦ
ବୃଷଭ ଗୋଟିକ ନେଇ ଗୁଆଣିରେ ବେଗେ ବାନ୍ଧ । ୩୩ ।
ଆଗ୍ୟାଂ ପ୍ରମାଣେ ନନ୍ଦିକେଶ୍ୱର ଗଲା
ଯତନ କରି ତାକୁ ଖମ୍ବରେ ନେଇ ବାନ୍ଧିଲା । ୩୪ ।
ଈଶ୍ୱରେ ଆଗ୍ୟାଂ ଦିଲେ ନନ୍ଦିକେଶ୍ୱରକୁ ରାଇ
ଖଡ ଆହାର ଘାସ ପାଣି କିଛି ଅନ୍ନ ନ ଦେବୁଟି ବଇଲଇଁ । ୩୫ ।
ସ୍ୱାମୀ ଆଗ୍ୟାଂୟେଣ ସେ ଦୃଢକରି ବାନ୍ଧିଣ ଅଇଲା
ବଜ୍ରର କିଳିଣି ଦେଇ ସେ କବାଟ କିଳିଲା । ୩୬ ।
ବୃଷଭ ବିଚାରଇ ମୋତେ ଈଶ୍ୱର କଷିଲେ
କରତାର ନାଥ ୟେହା କି–ାଇ ନ ବିଚାରିଲେ । ୩୭ ।
ମୋହୋର ୟେତେକ କଥା ଯେ ନିଷ୍ଫଳ ହୋଅନ୍ତେ
ଆବର କରତାରଙ୍କୁ କେ ଭଗତ ହୋଇବ ଯୁଗତେ । ୩୮ ।
ନିସତେଣ ବାସି ଖଡ ନାତେ ଦିଅନ୍ତେ ସେ ତୁଣ୍ଡେ
ଦେଖିଲା ଅମୃତ ଯୋଗାଡ ପୂରିଅଛି ଭାଣ୍ଡେ । ୩୯ ।
ସନ୍ତୋଷେଣ ଭୋଜନ ଯେ କଲାକ ବୃଷଭ
ସୁମରଇ ୟେକ ଲୟେ କରି ହାଦେ କରତାର ଦେବ । ୪୦ ।
ଭୁଞ୍ଜିଣ ବଇଲ ଯେ ହୋଇଲା ଆନନ୍ଦ
ହେ ବୁଧ ଜନେ କରତାର ନାଥଙ୍କୁ ନିତ୍ୟେ ବନ୍ଦ । ୪୧ ।

-------------

୩୦ ।୨ ବୃଷଭ ନିହାଣୀ (ନିଧାନୀ)ରେ ପୂରୋଇଲେ ନେଇ । (ପା)
୩୭ ।୧ ବୃଷଭ ବିଚାରଇ ଈଶ୍ୱର କପଟ ମୋତେ କଲେ । (ପା)
୩୩ ।୨ ଗୁଆଣିରେ-ଖାଇବା କୁଣ୍ଡ ସ୍ଥାନରେ ।

ଈଶ୍ୱର କଷଣରୁ ହୋଇଲିଟି ପାର
କିସ କରି ପାରଇଟି ଆବର ନାଶକର । ୪୨ ।
ୟେହି ହସ୍ତରେ ଫଳ ଲଭନ୍ତି ବିରଞ୍ଚି ନାରାୟଣ ପ୍ରସାଦେ
ଶୂଦ୍ରମୁନି ସାରୋଳ ଦାସ କରତାର ପଦ୍ମପାଦେ ବନ୍ଦେ । ୪୩ ।
ବ୍ୟାସେ ବୋଇଲେ ଶୁଣ ଗାନ୍ଧାରସେନ ନୃପତି
ୟେ ପତ୍ର ଶିରେ ଘେନିଲେ ୟେସନେକ ଫଳଶ୍ରୁତି । ୪୪ ।
ଭୁଞ୍ଜିଣ ବୃଷଭ ତ୍ରିପୁତି ହୋଇଲା
ଶୋଷକୁ ପଣା ଭୋଖକୁ ଅମୃତ ଯୋଗାଡ ପାଇଲା । ୪୫ ।
ଶୋଇଅଛି ବୃଷଭ ହୋଇଣ ମହାତ୍ରିପୁତି
ଶୁଭେଣ ପ୍ରସର ଯେ ହୋଇଲାକ ରାତି । ୪୬ ।
କବାଟ ଫେଡି କରି ଦେବ ଯେ ସୁଢଳେ
ଭିତରକୁ ପଶିଲେ ଦେବ ବୃଷଭ ବିକଳେ । ୪୭ ।
ଈଶ୍ୱରେ ହସିଲେ ଯେ ମହା ବୃଷଭକୁ ଚାହିଂ
କିସ ଫଳ ପାଇଲୁ ହୋ ସାହାତା ବୃକ୍ଷ ଦାହି । ୪୮ ।
ବଇଲ ବୋଇଲା ଦେବ ଶାହାସ୍ର ନୋହଇ ଯେ ମିଥ୍ୟା
ସୁଖେଣ ପାରି ହୁଅନ୍ତି ଯେତେ କରତାର ଭଗତା । ୪୯ ।

ଈଶ୍ୱର ବୋଇଲେ ପାଇଲୁ ତୁ ଯେହ୍ନେ
ସଂସାର ଜନଙ୍କୁ ପ୍ରାପତ ହୋଉ ତେହ୍ନେ । ୫୦ ।
ବୃଷଭ ବୋଇଲା ଦେବ ପ୍ରତକ୍ଷେ ପାଇଲି
ତୁମ୍ଭର ମୁଣୋହି ନ କରୁଣୁ ମୁଂ ଆଗେ ଯେ ଖାଇଲି । ୫୧ ।
ଯେ ଯାହାକୁ ସ୍ୱାମୀ ହୋଇଥାଇ ଭଗତା
ଅବଶ୍ୟ ସେ ତାହାନ୍ତ କରନ୍ତି ନା ଚିନ୍ତା । ୫୨ ।
ସେବକ ଚିନ୍ତା ଯେବେ ସ୍ୱାମୀକି ନ ଲାଗିବ
କେବଣ ମତେ ସେ ଏ ସଂସାରୁ ତରିବ । ୫୩ ।
ଯେତେକ ଯୋଗାଡ ତୁମ୍ଭର ମଢଫୁଲି
ତୁମ୍ଭର ମୁଣୋହି ନ କରୁ ମୁଂ ଆଗ ତା ପାଇଲି । ୫୪ ।
ସ୍ୱାମୀ ଲୟେ କରି ଦେଖ ନି ମୋହୋର ଗୁଆଣି
ଗନ୍ଧ ଆମୋଦଇ କର୍ପୂର ରସ ଜାଣି । ୫୫ ।
ସ୍ୱରୂପ ଦେଖି ଈଶ୍ୱର ବିଷାଦ ହୋଇଲେ
ପାର୍ବତୀଙ୍କି ସଲ୍ଲଜ ହୋଇ ପଚାରିଲେ । ୫୬ ।
ବୃଷଭକୁ ନେଇ ଟି କେହୁ ଦିଲା ମୋ ଯୋଗାଡ
ତୁମ୍ଭେ ଜାଣ ନିକି ଦେବି ଏଥିର ତଥ୍ୟ ଯେ ବେଭାର । ୫୭ ।
ପାର୍ବତୀ ହସିଲେ ଈଶ୍ୱରଙ୍କ ବଚନେ
ତୁମ୍ଭର ଆସିବା ବିଳମ୍ବ ଦେଖିଣ ତ୍ରିଲୋଚନେ । ୫୮ ।
ସମସ୍ତ ବାଢିଣ ଦେବ ବସିଲି ମୁଂ ଭୁଞ୍ଜି
ୟେସନ ସମୟେଣ ଡମ୍ବୁରୁ ଶବଦ ବାଜି । ୫୯ ।
କ୍ଷୁଧାୟେଣ ତୁମ୍ଭେ ମୋତେ କୋପ କରିବ ବୋଲି
ସବୁ ନେଇ ବୃଷଭ ଗୁଆଣିରେ ଭରିଲି । ୬୦ ।
ସଦାନନ୍ଦ ହସିଲେ ଗିରିଜାର ବଚନେ
ୟେହେର୍ନିକ କରି ଯେ ପ୍ରାପତଟି କରାନ୍ତି ଦେବତାମାନେ । ୬୧ ।
ବଦୟନ୍ତି ବ୍ୟାସେ ପାରେଶ୍ୱର ନାନେ
କରତାକୁ ସେବିଲେ ତପଫଳ ଶ୍ରୁତ ହାଦେ ଅଟଇ ୟେସନେ । ୬୨ ।
ଚାଲ ହୋ ରାଜା ୟେବେ ସାହାଡା ବୃକ୍ଷ ଯେ ଦେଖିବା
ଗାନ୍ଧାରୀକି ତାହା ପ୍ରଦାନ କରିବା । ୬୩ ।
ଭିତର ନବର ଅଗଣା ମଧ୍ୟ ସ୍ଥାନେ
ଗୋଲକ ବୃକ୍ଷ କଲେ ବରବେଶ ବିଧାନେ । ୬୪ ।
କନ୍ୟାବେଶ ଯେ କଲେକ ଗାନ୍ଧାରୀ
ମଙ୍ଗଳ ବାକ୍ୟେ ତାଙ୍କୁ ସୀଉକାର ବରଣ କରି । ୬୫ ।
ଉଦକ-ପାଦ ଗୋତ୍ର ଯେ ଶାକୋଟ ବୃକ୍ଷ
ବୃନ୍ଦା ଅର୍କ ଗୋତ୍ର ସେ ଗାନ୍ଧାରସେନ ବଂଶ । ୬୬ ।
ଉଭୟ କୁଳ ଗୋତ୍ର ଉଚ୍ଚାରିଲେ ମୁନ୍ୟେ
ଗୋଲକ ବୃକ୍ଷ ଗାନ୍ଧାରୀକି କଲେକ ପ୍ରଦାନେ । ୬୭ ।
ଗାନ୍ଧାରୀର କର ଗୋଲକ ବୃକ୍ଷ ଡାଳେ
କୁଶ ବନ୍ଧନ କରନ୍ତି ମୁନି ମନ୍ତ୍ରବଳେ । ୬୮ ।
ଗାନ୍ଧାରୀ ବୃକ୍ଷ ଯହୁଂ ୟେକ ଯୋଗ ହୋଇଲା
ସେ ସାହାଡା ବୃକ୍ଷ ଗୋଟି ତତ୍‌କ୍ଷଣାନ୍ତି ମଲା । ୬୯ ।
ଦେଖିଣ ଚକିତ ଯେ ହୋଇଲେ ମୁନି ବ୍ୟାସେ
ଗାନ୍ଧାର ସେନ ନୃପତି ବସିଲା ବିରସେ । ୭୦ ।

ବ୍ୟାସେ ବୋଇଲେ ତୁ ନ ଭାଳ ନୃପତି
ସମସ୍ତ ଅରଷ୍ଟି ଏହାର ହୋଇଲାନି ଶାନ୍ତି । ୭୧-୧୩୪୮ ।

-----------

୫୬ ।୨  ପାର୍ବତୀଙ୍କ ସନ୍ନିଧ୍ୟକୁ ରାଇଣ ପଚାରିଲେ । (ପା)
୬୯  ଗାନ୍ଧାରୀର କର ତହୁଂ ବୃକ୍ଷରେ ଲାଗିଲା ।
ସାହାଡା ବୃକ୍ଷ ଗୋଟି ତତକ୍ଷଣେ ଜଳିଗଲା । (ପା)

***************